## ପ୍ରେସ୍ ନୋଟ୍

### ଆସନ୍ତା ପୂଜା ପର୍ବାଣୀରେ ଉଚ୍ଚ ସ୍ୱରରେ ମାଇକ ବାଜିବା ଓ ବାଣ ଫୁଟିବା ଉପରେ ଲାଗିଲା ଲଗାମ ।

ଅନୁଗୋଳ,ତା.୨୨.୯:- ଆସନ୍ତା ଦୁର୍ଗାପୂଜା,ଲକ୍ଷ୍ମୀ ପୂଜା ଓ ଦିପାବଳୀ ଅନୁଗୋଳରେ ଆନନ୍ଦ ଉଲ୍ଲାସର ସହିତ ପାଳନ ହେଉଛି । ସାଜସଜ୍ଜା ବେଶ ଆକର୍ଷଣ ହେଉଥିବାବେଳେ ଉଚ୍ଚ ସ୍ୱରରେ ମାଇକ ବାଜିବା ଓ ବାଣ ଫୁଟିବାକୁ ନେଇ ସୁପ୍ରିମକୋଟଙ୍କର ନିର୍ଦ୍ଦେଶନାମାକୁ ଚଳିତ ବର୍ଷ କଡା କଡି ଭାବେ ପାଳନ କରାଯିବ । ମାଇକ ବାଜିବା ଓ ବାଣ ଫୁଟିବା ଦ୍ୱାରା ବାୟୁ ଓ ଶବ୍ଦ ପ୍ରଦ୍ୟୁଷଣ ବହୁ ମାତ୍ରାରେ ବୃଦ୍ଧି ପାଉଥିବାରୁ ଏଥିରେ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା ଓ ଦିପାବଳୀ ଜିଲ୍ଲାର ପୁରପଲ୍ଲୀରେ ପାଳନ ହେଉଥିବାରୁ ସମ୍ପୃକ୍ତ ଅଧିକାରୀମାନେ ବାଣ ଫୁଟିବା ଓ ଉଚ୍ଚ ସ୍ୱରରେ ମାଇକ ବାଜିବା ଦ୍ୱାରା ବାୟୁ ଓ ଶବ୍ଦ ପ୍ରଦ୍ୟୁଷଣ ହେଉଥିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବେ । ଗ୍ରାମାଂଚଳରେ ପର୍ବ ପର୍ବାଣୀରେ ବାଣ ଫୁଟିବା ଓ ଉଚ୍ଚ ସ୍ୱରରେ ମାଇକ ବଜାଇବାର କୁପ୍ରଭାବ ସମ୍ପର୍କରେ ବିଦ୍ୟାଳୟ୍ ଓ ମହାବିଦ୍ୟାଳୟ୍ର ଛାତ୍ର ଛାତ୍ରୀମାନଂକୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟତ୍ରୀ ଅବଗତ କରାଇବେ ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଦୁର୍ଗା ପୂଜା ,ଲକ୍ଷ୍ମୀ ପୂଜା ଓ ଦିପାବଳୀରେ ବାୟୁ ଓ ଶବ୍ଦ ପ୍ରଦ୍ୟୁଷଣକୁ ଦୃଷ୍ଟିରେ ରଖି ବିଶେଷ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୫୬୮ ତା. ୨୨.୦୯. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୨/୯/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।